# ଆଇଟିଇଆରର ବାର୍ଷିକୋତ୍ସବ ଜେନେସିସ୍ ଉଦ୍‌ଯାପିତ

ଭୁବନେଶ୍ୱର, ତା୨।୩ (ନି.ପ୍ର.): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଆଇଟିଇଆରର ବାର୍ଷିକ ଉତ୍ସବ ଜେନେସିସ୍ ୧୦ ଜାଗମରାସ୍ଥିତ ନିଜସ୍ୱ କ୍ୟାମ୍ପସଠାରେ ଉଦ୍‌ଯାପିତ ହୋଇଯାଇଛି। ଜଣେ ଇଞ୍ଜିନିୟର ଅପେକ୍ଷା ଭଲ ମଣିଷ ହେବା ଅଧିକ ଶ୍ରେୟ ବୋଲି ଉତ୍ସବର



ମୁଖ୍ୟ ଅତିଥିଭାବେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବ ରାଜକୁମାର ଶର୍ମା ମତ ବ୍ୟକ୍ତ କରିଥିଲେ। କଲେଜର ଡେ଼ପୁଟି ଚେୟାରମ୍ୟାନ୍ ପ୍ରଫେସର ବି.କେ. ସରାପ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଫେସର ସରାପ୍ ଅତିଥିଙ୍କ ପରିଚୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭବିଷ୍ୟତରେ ପ୍ରତ୍ୟେକ ଛାତ୍ରଛାତ୍ରୀ କେବଳ ଜଣେ ଇଂଜିନିୟର ନ ହୋଇ କିପରି ଜଣେ ଭଲ ମଣିଷ ହେବେ ସେ ଦିଗ ପ୍ରତି ଧ୍ୟାନ ଦେବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ଶର୍ମା ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ତଥା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ଟାସ୍କ ଫୋର୍ସର ଅଧ୍ୟକ୍ଷ ପ୍ରଫେସର ତ୍ରିଲୋଚନ ପ୍ରଧାନ ଓ ଆଦାନୀ ଗ୍ରୁପର ମାନବ ସମ୍ବଳ ସଭାପତି ପ୍ରଦୀପ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । କଲେଜର ବାର୍ଷିକ ଉତ୍ସବର ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ସର୍ବାଧିକ ନମ୍ବର ରଖିଥିବା ଦୀପକ ପଣ୍ଡାଙ୍କୁ ବିଶ୍ୱବିଦ୍ୟାଳୟର ସଭାପତିଙ୍କ ପକ୍ଷରୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା । ପରେ କଲେଜର ବାର୍ଷିକ ପତ୍ରିକା 'ଅନ୍ୱେଷା' ଉନ୍ମୋଚିତ ହୋଇଥିଲା । ଅନୁଷ୍ଠାନର ଅତିରିକ୍ତ ଡିନ୍ ପ୍ରଫେସର ଆର.କେ.ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ ଡଃ ମାନସ ମଲ୍ଲିକ୍, ଡିନ୍ ପ୍ରଫେସର କେ.କେ.ମିଶ୍ର, ବିଭିନ୍ନ ବିଭାଗର ମୁଖ୍ୟ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।